# ସାମାଜିକ ସମସ୍ୟାରୁ ସାହିତ୍ୟ ସୃଷ୍ଟି: କୁମୁଦ ଶର୍ମା



ସମ୍ମିଳନୀରେ ଯୁବ ପୁରସ୍କାର ପାଇଥିବା ୨୨ ଲେଖିକା ଲେଖକଙ୍କ ସହ କେନ୍ଦ୍ର ସାହିତ୍ୟ ଏକାଡେମୀ ଉପସଭାପତି ପ୍ରଫେସର କୁମୁଦ ଶର୍ମା ଓ ଅନ୍ୟମାନେ।

## ସାହିତ୍ୟ ଏକାଡେମୀର 'ଯୁବ ପୁରସ୍କାର ପ୍ରାପକ ସମ୍ମିଳନୀ'

**ଭୁବନେଶ୍ୱର, ୧୩।୧**
**(ସୌମ୍ୟରଞ୍ଜନ ରାଉତ)**

କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଯୁବ ପୁରସ୍କାର ପ୍ରାପକ ସମ୍ମିଳନୀ ସୋମବାର ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ରବିବାର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପାଇଥିବା ସାହିତ୍ୟିକମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ଅନୁଭୂତି ବଖାଣିଥିଲେ। ସାହିତ୍ୟ ଏକାଡେମୀ ଉପସଭାପତି ପ୍ରଫେସର କୁମୁଦ ଶର୍ମା ଅଧ୍ୟକ୍ଷତା କରି କହିଲେ, ଯୁବ ଲେଖକମାନଙ୍କ ମଧ୍ୟରେ ପ୍ରଚୁର ସୃଜନଶୀଳତା ରହିଛି। ସେମାନେ ନିଜର ଅନୁଭୂତି ଏବଂ ଅନୁଭବକୁ ଖୁବ ସୁନ୍ଦର ଭାବରେ ସାହିତ୍ୟ ମାଧ୍ୟମରେ ପରିପ୍ରକାଶ କରୁଛନ୍ତି। ସାମାଜିକ ସମସ୍ୟାରୁ ପ୍ରେରିତ ହୋଇ ମଧ୍ୟ ସେମାନେ ସାହିତ୍ୟ ସୃଷ୍ଟି କରୁଛନ୍ତି। ଏହି ଅବସରରେ ୨୨ଟି ଭାଷାର ଯୁବ ଲେଖିକାଲେଖକ ନିଜ ସାରସ୍ୱତ ଅନୁଭୂତି ପ୍ରକାଶ କରିଥିଲେ। ଓଡ଼ିଆ ଭାଷାରେ ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପାଇଥିବା ସଞ୍ଜୟ କୁମାର ପଣ୍ଡା (ଓଡ଼ିଆ) କୃତଜ୍ଞତା ପ୍ରକାଶ କରିବା ସହ ତାଙ୍କ ସାହିତ୍ୟ ଯାତ୍ରାରେ ତାଙ୍କ ଗ୍ରାମ ଇରମର ପ୍ରଭାବକୁ ରେଖାଙ୍କିତ କରିଥିଲେ। ସେ ସ୍ୱର ନ ଥିବା ଲୋକଙ୍କର ସ୍ୱର ହେବା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଅନ୍ୟାୟ ବିରୋଧରେ ନିରନ୍ତର ସମର୍ଥନ ପାଇଁ ଆହ୍ୱାନ କରିଥିଲେ। ସାହିତ୍ୟ ଏକାଡେମୀ ସଚିବ ଡ. କେ. ଶ୍ରୀନିବାସରାଓ ଧନ୍ୟବାଦ ଦେଇଥିଲେ।